ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/HFW/(Od)/399/25-06-2025**

# ରଥଯାତ୍ରା-୨୦୨୫ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

- ଦୈନିକ ଭିତ୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଚାଲିଛି ମନିଟରିଂ
- ଆସନ୍ତା କାଲିଠୁ ପୁରୀରେ କାର୍ଯ୍ୟ କରିବ କ୍ୟାମ୍ପ ଅଫିସ୍
- କଣ୍ଟ୍ରୋଲ ରୁମ୍ ମୋବାଇଲ ନମ୍ବର +୯୧୭୩୭୦୫୭୦୨୪୭ ଏବଂ ଲ୍ୟାଣ୍ଡଲାଇନ ନମ୍ବର ୦୬୭୫୨-୨୨୨୧୭୫

ପୁରୀ/ ଭୁବନେଶ୍ୱର, ଜୁନ୍ ୨୫, ୨୦୨୫

ବିଶ୍ୱପ୍ରସିଦ୍ଧ 'ରଥଯାତ୍ରା' ସମବେତ ହେବାକୁ ଥିବା ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ନିରନ୍ତର ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀବୃନ୍ଦ କ୍ଷେତ୍ର ପରିଦର୍ଶନ କରି ସମସ୍ତ ବ୍ୟବସ୍ଥା ସମନ୍ୱିତ କରିଛନ୍ତି ।

ରଥଯାତ୍ରା-୨୦୨୫ ଅବସରରେ ସମନ୍ୱିତ ଓ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବହୁବିଧ ଗ୍ରହଣ କରାଯାଇଛି । ବିଭାଗ ପକ୍ଷରୁ, ବରିଷ୍ଠ ଅଧିକାରୀଙ୍କର ଏକ ଟିମ୍ ଆଜି ପୁରୀ ଗସ୍ତ କରି ସମସ୍ତ ପଦକ୍ଷେପର ସମୀକ୍ଷା କରିଛନ୍ତି । ଅତିରିକ୍ତ ବେଡ଼ ସଂଖ୍ୟା ଗତ ବର୍ଷର ୧୪୦ରୁ ୨୬୫କୁ ବୃଦ୍ଧି କରାଯାଇଛି । ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଏବଂ ଦ୍ୱରିତ କରିବା ଉଦ୍ଦେଶ୍ୟରେ ଅନ୍ୟ ଜିଲ୍ଲାରୁ ୩୭୮ ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିୟୋଜିତ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କରେ ୨୦୦ ୟୁନିଟ୍ ରକ୍ତ ସଂରକ୍ଷିତ ରଖାଯାଇଛି । ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏଏମ୍ସ୍, ଭୁବନେଶ୍ୱର ପକ୍ଷରୁ ଚିକିତ୍ସା କେନ୍ଦ୍ରରେ ଏକ ବିଶେଷ ଡାକ୍ତର ଟିମ୍ ନିୟୋଜିତ ରହିବାର ବ୍ୟବସ୍ଥା ହୋଇଛି ।

ରଥଯାତ୍ରା ସମୟରେ ୬୯ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବ୍ୟାପକ ନେଟୱାର୍କ କାର୍ଯ୍ୟ କରିବ । ଏଥିରେ ୩୨ଟି ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଚଳିତ ଜୁନ୍ ୨୭ରୁ ଜୁଲାଇ ୮ ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ୩୭ଟି ସ୍ୱେଚ୍ଛାସେବୀ ସଂଗଠନ-ସହାୟତାପ୍ରାପ୍ତ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିବ । ପ୍ରତ୍ୟେକ କେନ୍ଦ୍ରରେ ଯୋଗ୍ୟ ଏମ୍‌ବିବିଏସ୍/ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ସହାୟକ କର୍ମଚାରୀ ନିୟୋଜିତ ରହିବେ ଏବଂ ରଥଯାତ୍ରା, ବହୁଡ଼ା ଯାତ୍ରା ଏବଂ ସୁନବେଶ ଦିନରେ ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ଜାରି ରହିବ । ବଡ଼ଦାଣ୍ଡରେ ସିଂହଦ୍ୱାର, ଗୁଣ୍ଡିଚା ମନ୍ଦିର ଏବଂ ଜଗନ୍ନାଥ ବଲ୍ଲଭ ପାର୍କିଂ ସମେତ ୯ଟି କେନ୍ଦ୍ର, ପୁରୀ-ଭୁବନେଶ୍ୱର ରାସ୍ତାରେ ୮ଟି କେନ୍ଦ୍ର, ସ୍ୱର୍ଗଦ୍ୱାର ଏବଂ ଲାଇଟ ହାଉସ୍ ସମେତ ସମୁଦ୍ର ବେଳାଭୂମି ସ୍ଥାନରେ ୫ଟି କେନ୍ଦ୍ର, ପୁରୀ-କୋଣାର୍କ ରାସ୍ତାରେ ୪ଟି କେନ୍ଦ୍ର ଏବଂ ପୁରୀ ସହରରେ ୨ଟି କେନ୍ଦ୍ର (ରେଳ ଷ୍ଟେସନ୍) ଭଳି ପ୍ରମୁଖ ସ୍ଥାନମାନଙ୍କରେ ଏହି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବ । ଅଂଶୁଘାତ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ତାଳବଣିଆରେ ଏକ ବିଶେଷ ୧୦ ଶଯ୍ୟାବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହିଟ୍ ଷ୍ଟ୍ରୋକ୍ କେନ୍ଦ୍ର ସ୍ଥାପନ କରାଯାଇଛି ।

ଜରୁରୀକାଳୀନ ଚିକିତ୍ସା ପରିବହନ ପାଇଁ ବ୍ୟାପକ ଆମ୍ବୁଲେନ୍ସ ନେଟୱାର୍କ ସୁନିଶ୍ଚିତ କରାଯାଇଛି । ୩୧ଟି ସରକାରୀ ଆମ୍ବୁଲାନ୍ସ ଏବଂ ସ୍ୱେଚ୍ଛାସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ତୁରନ୍ତ ପ୍ରତିକ୍ରିୟା ପାଇଁ ଉପଲବ୍ଧ ରହିବ । ଏହି ଆମ୍ବୁଲାନ୍ସଗୁଡ଼ିକ ସ୍ୱେଚ୍ଛାସେବୀଙ୍କ ସହାୟତାରେ ନିର୍ଦ୍ଦିଷ୍ଟ ଆମ୍ବୁଲାନ୍ସ କରିଡୋର ମଧ୍ୟରେ କାର୍ଯ୍ୟ କରିବ ।

ଜନସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଖାଦ୍ୟ ନିରାପତ୍ତା, ନିରାପଦ ପାନୀୟ ଜଳ, ହାତ ଧୋଇବା ଏବଂ ସ୍ୱଚ୍ଛତା ପ୍ରୋଟୋକଲ, ଓଆର୍‌ଏସ୍ ବ୍ୟବହାର, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କୋଭିଡ୍-୧୯ ପ୍ରତିରୋଧ ବ୍ୟବସ୍ଥା ଏବଂ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ବାବଦରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଅଭିଯାନ ଜାରି ରହିଛି ।

ରଥଯାତ୍ରା ସମୟରେ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ସମନ୍ୱୟ କରିବା ଏବଂ ଜରୁରୀକାଳୀନ ପରିସ୍ଥିତି ପାଇଁ ଏକ ନିର୍ଦ୍ଦିଷ୍ଟ ରଥଯାତ୍ରା କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ । ଯେକୌଣସି ଚିକିତ୍ସା ସହାୟତା କିମ୍ବା ସ୍ୱାସ୍ଥ୍ୟସେବା ସଂପର୍କିତ ସୂଚନା ପାଇଁ କଣ୍ଟ୍ରୋଲ ରୁମ୍ ମୋବାଇଲ ନମ୍ବର +୯୧ ୭୩୭୦୫୭୦୨୪୭ ଏବଂ ଲ୍ୟାଣ୍ଡଲାଇନ ନମ୍ବର ୦୬୭୫୨-୨୨୨୧୭୫ରେ ଯୋଗାଯୋଗ କରାଯାଇପାରିବ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ପୁରୀ ଗସ୍ତ କରି ଏହି ସମସ୍ତ ପଦକ୍ଷେପକୁ ସମନ୍ୱିତ ଏବଂ ବ୍ୟବସ୍ଥିତ କରିଛନ୍ତି । ସୂଚନାଯୋଗ୍ୟ ଯେ ଆସନ୍ତା କାଲିଠାରୁ ପୁରୀଠାରେ ସ୍ୱତନ୍ତ୍ର କ୍ୟାମ୍ପ ଅଫିସ୍ କାର୍ଯ୍ୟ କରିବ ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ